# NATIONAL NEWS BULLETIN (ODIA)

**8 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ଶାସନ କ୍ଷେତ୍ରରେ ଡିଜିଟାଲ ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି -କହିଲେ ପ୍ରଧାନମନ୍ତ୍ରୀ ।

- ଇଣ୍ଡିଆ ମୋବାଇଲ କଂଗ୍ରେସର ଦଶମ ସଂସ୍କରଣକୁ କଲେ ଉଦ୍‌ଘାଟନ ।

- ଔଷଧ କମ୍ପାନୀ ଗୁଡ଼ିକର ବ୍ୟବସାୟ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ଉପରେ ସମୀକ୍ଷା କରିବା ନେଇ ଏକ ୩ ଜଣିଆ କମିଟି ଗଠନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ।

- ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଜାରି ରହିଛି ୫୭ତମ ଜିଏସ୍‌ଟି ପରିଷଦ ବୈଠକ ।

- ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ୭୫ ବର୍ଷ ବୟସରେ ପରଲୋକ ।

- ଡୋନ୍‌ଜେଠାରେ ଆଜି ସଂଧ୍ୟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ ଶେଷକୃତ୍ୟ ।

ଏବଂ

- ଭାରତୀୟ ବାୟୁସେନା ଆଜି ପାଳନ କରୁଛି ୯୪ତମ ପ୍ରତିଷ୍ଠା ଦିବସ ।

# ଇଣ୍ଡିଆନ୍ କଂଗ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶର ପ୍ରତ୍ୟେକ ଜିଲ୍ଲାରେ ୫-ଜି ସଂଯୋଗ କାର୍ଯ୍ୟକ୍ଷମ ହୋଇସାରିଛି । ଦେଶବ୍ୟାପୀ ଏହାର ପରିଚାଳନା ପାଇଁ ୫ଲକ୍ଷ ୫୦ହଜାରରୁ ଅଧିକ ଭିତ୍ତିଭୂମି କ୍ଷେତ୍ର କାର୍ଯ୍ୟ କରୁଛି । ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସର ୧୦ ସଂସ୍କରଣକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତରେ ଟେଲିକମ୍ କ୍ଷେତ୍ର ଏବଂ ଡିଜିଟାଲ ସଂଯୋଗର ବିକାଶ ମୋବାଇଲ କଂଗ୍ରେସ ପ୍ଲାଟଫର୍ମ ଅନୁଧ୍ୟାନ କରିଛି । ଦେଶରେ ଟେଲିକମ୍ ବିକାଶ କ୍ଷେତ୍ରରେ ଏହି ପ୍ଲାଟଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।  ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ସଂଯୋଗ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଅଧିକ ସଶକ୍ତ କରିଛି । ଦୁର୍ଗମ ଅଞ୍ଚଳରେ ମଧ୍ୟ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରୁଛି । ଗତ ୧୨ବର୍ଷ ମଧ୍ୟରେ ମୋବାଇଲ ଫୋନ୍‌ର ଉପଯୋଗ ବ୍ୟାପକ ହୋଇଛି । ସ୍ୱଚ୍ଛଶାସନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ ଉଭା ହୋଇଛି । ବହୁ ସରକାରୀ ସେବା ଏବେ ମୋବାଇଲ ଫୋନ୍‌ରେ ଉପଲବ୍ଧ ହେଉଛି । ଟେଲି ଯୋଗାଯୋଗ କ୍ଷେତ୍ରରେ ଏଭଳି ବିପ୍ଳବର ସୁଫଳ ନାଗରିକଙ୍କ କ୍ଷେତ୍ରରେ ସିଧାସଳଖ ପହଞ୍ଚି ପାରୁଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ପଦକ୍ଷେପ ମାଧ୍ୟମରେ ପ୍ରାୟ ୫୦ଲକ୍ଷ କୋଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତରିତ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ଏହି ଅବସରରେ ଶ୍ରୀ ମୋଦୀ ଦୀକ୍ଷା ପ୍ଲାଟଫର୍ମ ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ ଡିଜିଟାଲ ଓ ଅନ୍‌ଲାଇନ୍ ଶିକ୍ଷା ପ୍ଲାଟଫର୍ମ ମାଧ୍ୟମରେ ସରକାର ପ୍ରାୟ ୨୫ କୋଟି ଛାତ୍ରଛାତ୍ରୀଙ୍କୁ ସହଯୋଗ ପ୍ରଦାନ କରିବା ନେଇ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ପ୍ରଧାମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାର ପ୍ରଯୁକ୍ତି ବିଦ୍ୟାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ପ୍ରାଥମିକତା ପ୍ରଦାନ କରୁଛନ୍ତି । ସେ କହିଛନ୍ତି ଭାତରରେ ଏବେ ୫୫୦ ନିୟୁତ ୫-ଜି ଉପଭୋକ୍ତା ରହିଛନ୍ତି ।

ଏହି ୪ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି ।

# ଏସ୍‌ସି କମିଟି ଫାର୍ମାସିଟିକାଲ

ଔଷଧ କମ୍ପାନୀ ଗୁଡ଼ିକର ବ୍ୟବସାୟ, ଡାକ୍ତରଙ୍କୁ ପ୍ରଦାନ କରାଯାଉଥିବା ଉପହାର ଏବଂ ଅନ୍ୟାନ୍ୟ ପଦକ୍ଷେପର ବୈଧାନିକ ନିୟନ୍ତ୍ରଣ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦିପ ମେହେଟ୍ଟାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ଏକ ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ଔଷଧ କମ୍ପାନୀ ଏବଂ ଡାକ୍ତରଙ୍କ ମଧ୍ୟରେ ରହୁଥିବା ଅସାଧୁ ବୁଝାମଣା

ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଏହି ଆବେଦନ ଦାଖଲ କରାଯାଇଛି । ଖଣ୍ଡପୀଠ କହିଛନ୍ତି ପ୍ରସ୍ତାବିତ କମିଟି ଅଂଶୀଦାରଙ୍କ ମତାମତକୁ ବିଚାର ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ତର୍ଜମା କରି ତାଙ୍କର ସୁପାରିଶ ଦାଖଲ କରିବେ । ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୯ ତାରିଖକୁ ଧାର୍ଯ୍ୟ କରାଯାଇଛି ।

## ଜି.ଏସ୍.ଟି. କାଉନ୍‌ସିଲ୍ ମିଟିଂ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ୫୭ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଜାମ୍ମୁ-କାଶ୍ମୀର ଓ ହରିୟାଣାର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟା ରାଜ୍ୟଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତୀ ଯୋଗ ଦେଇଛନ୍ତି ।

ବୈଠକରେ ଜିଏସଟି ସମ୍ବନ୍ଧୀୟ ବିବାଦର ସମାଧାନ ଏବଂ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ସହଜ ଉପଯୋଗ ଉପରେ ନୀତିଗତ ସଂସ୍କାର ନେଇ ଆଲୋଚନା ହୋଇଛି ।

ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାମଗ୍ରୀ ଓ ସେବା କର-ଜିଏସଟି ବ୍ୟବସ୍ଥାରେ ପରବର୍ତ୍ତୀ ପର୍ଯ୍ୟାୟର ସଂସ୍କାର ପାଇଁ ସରକାର ପାଞ୍ଚଟି ପ୍ରମୁଖ କ୍ଷେତ୍ରକୁ ନେଇ ଏକ ଯୋଜନା ପ୍ରସ୍ତାବ ଉପସ୍ଥାପନ କରିବେ । ପ୍ରସ୍ତାବିତ ଯୋଜନା ପାଞ୍ଚଟି କ୍ଷେତ୍ର - ପ୍ରକ୍ରିୟାଗତ ସଂସ୍କାର, ଗଠନମୂଳକ ସଂସ୍କାର,

ବ୍ୟବସାୟ କରିବାର ସହଜତା, ସେବା ରପ୍ତାନି ଏବଂ ଇ-କମର୍ସ ଆଦି ରହିଛି ।

## ନାନା ପାଟେକର ଡାଏଜ୍

ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଛି । ଗୋଆସ୍ଥିତ ଆଜି ସକାଳେ ତାଙ୍କ ବାସଭବନରେ ପାଟେକରଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ହିନ୍ଦୀ, ମରାଠୀ ଆଦି ସିନେମାରେ ଉତ୍କୃଷ୍ଟ ଅଭିନୟ ପାଇଁ ସେ ପରିଚିତ ଥିଲେ । ପରିନ୍ଦା, ତ୍ରିରଙ୍ଗା, କ୍ରାନ୍ତିବୀର, ଅବତକ ୫୬, ୱେଲକମ ଭଳି ବିଭିନ୍ନ ଚଳଚ୍ଚିତ୍ରରେ ସେ ତାଙ୍କର ଅଭିନୟର ଛାପ ଛାଡିଯାଇଛନ୍ତି ।

**V/O** (Nana Patekar)

ପୁନେ ନିକଟସ୍ଥ ଡୋନ୍‌ଜେଠାରେ ଆଜି ସଂଧ୍ୟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯିବ । ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଡୋନ୍‌ଜେ ସହିତ ତାଙ୍କର ଅତ୍ୟନ୍ତ ଭାବନାତ୍ମକ ସମ୍ପର୍କ ରହିଥିବାରୁ ସେଠାରେ ଶେଷକୃତ୍ୟ କରାଯିବା ନେଇ ନିଷ୍ପତ୍ତି ହୋଇଛି ।

ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ଶ୍ରୀ ପାଟେକରଙ୍କ ଅଭିନୀତ ଚରିତ୍ର ଗୁଡ଼ିକ ଲୋକଙ୍କ ହୃଦୟ ଏବଂ ମାନସପଟରେ ଛାପ ଛାଡିଯାଇଛି । ସାମାଜିକ କାର୍ଯ୍ୟପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତାକୁ ରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ନାନା ପାଟେକର ଜଣେ ବହୁମୁଖୀ ଏବଂ ଅତ୍ୟନ୍ତ ଗୁଣି କଳାକାର ଥିଲେ । ଭାରତୀୟ ସିନେମାରେ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଶ୍ରୀ ପାଟେକର ପ୍ରତ୍ୟେକ ଭୂମିକାରେ ନିଜର ଚିନ୍ତାଧାରା ଓ ସୃଜନଶୀଳତାକୁ ପରିସ୍ଫୁଟ କରିଛନ୍ତି । ଭବିଷ୍ୟତ ପିଢ଼ି ପାଇଁ ଅଭିନୟ ଜଗତରେ ସେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O**

## ସେବା ସଙ୍କଳ୍ପ - ଜାଲିଆନାୱାଲାବାଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ

୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଜାଲିଆନାୱାଲାବାଗ ସ୍ମାରକର ପୁନଃ ବିକାଶ ମାଧ୍ୟମରେ କିପରି ଦୃଷ୍ଟିକୋଣକୁ ପରିପ୍ରକାଶ କରାଯାଇଛି' ସେ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଜାଲିଆନାୱାଲାବାଗର ନାମ ଉଚ୍ଚାରଣ ହେବା ମାତ୍ରେ ବ୍ରିଟିଶ ସରକାରଙ୍କ ନିର୍ମମତାର ଭୟଙ୍କର ସ୍ମୃତି ଉଜ୍ଜୀବିତ ହୋଇଥାଏ । ୧୯୧୯ ମସିହାରେ ବୈଶାଖୀ ଦିବସରେ ଅମୃତସରର ଜାଲିଆନାୱାଲାବାଗଠାରେ ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ନେତୃତ୍ୱରେ ବ୍ରିଟିଶ ସେନା ଶହଶହ ନିରୀହ ଲୋକଙ୍କୁ ନିର୍ମମଭାବେ ହତ୍ୟା କରିଥିଲେ । ସେହି ସହିଦଙ୍କ ସ୍ମୃତିରେ ଜାଲିଆନାୱାଲାବାଗ ସ୍ମାରକୀ ନିର୍ମାଣ କରାଯାଇଥିଲା । ଏହାକୁ ପୁନଃ ବିକଶିତ କରାଯାଇ ୨୦୨୧ ଅଗଷ୍ଟ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

**V/O**

ସେଠାରେ ପଞ୍ଜାବର ସ୍ଥାନୀୟ ସ୍ଥାପତ୍ୟ ଶୈଳୀ ସହ ସମନ୍ୱୟ ରକ୍ଷାକରି ବହୁ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ୪ଟି ସଂଗ୍ରହାଳୟ ଗ୍ୟାଲେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏହାକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ।

# ବାୟୁସେନା ଦିବସ

୯୪ତମ ଭାରତୀୟ ବାୟୁସେନା ଦିବସ ଆଜି ପାଳନ କରାଯାଉଛି । ୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଭାରତୀୟ ସେନାବାହିନୀର ଏହି ୟୁନିଟ୍ ପ୍ରତିରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ଚଳିତବର୍ଷ 'ଭାରତୀୟ ବାୟୁସେନା : ଅଦମ୍ୟ, ଅପ୍ରତିହତ ଏବଂ ସଠିକ୍' ପ୍ରସଙ୍ଗ ଆଧାରରେ ଏହି ଦିବସ ପାଳନ କରାଯାଉଛି ।

ଏହି ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖ ଭାରତୀୟ ବାୟୁସେନାର ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବାୟୁସେନା ମୁଖ୍ୟ  ଏୟାର ଚିଫ୍ ମାର୍ଶଲ ଏ.ପି.ସିଂହ ଭାତୀୟ ବାୟୁସେନାର ବର୍ଦ୍ଧିତ ଦକ୍ଷତା ଉପରେ ଆଲୋକପାତ କରିଛନ୍ତି । ଗାଜିଆବାଦସ୍ଥିତ ହିଣ୍ଡନ ବାୟୁସେନା ଘାଟୀଠାରେ ଏକ ସମାରୋହରେ ଯୋଗଦେଇ ଶ୍ରୀ ସିଂହ ଦାୟିତ୍ୱଗ୍ରହଣ କରିବା ଠାରୁ ଆରମ୍ଭକରି ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତୀୟ ବାୟୁସେନା ସର୍ବଦା ପ୍ରସ୍ତୁତ ରହିଛି ବୋଲି କହିଛନ୍ତି ।